**ସଉରା ଭାଷା ସମ୍ମେଳନ**

# 'ଭାଷା ସୁରକ୍ଷା ଆମର ପ୍ରାଥମିକ କର୍ତ୍ତବ୍ୟ'

ଭୁବନେଶ୍ୱର, ୨୨।୪(ନି.ପ୍ର): ଈଶ୍ୱର ମଣିଷକୁ ସବୁ କିଛି ଦେଇଛନ୍ତି; କିନ୍ତୁ ଭାଷା ସୃଷ୍ଟି କରିଛି ମଣିଷ। ଭାଷା ହିଁ ଶିଖାଏ ସାର୍ବଜନୀନ ମାନବିକତା। ଭାରତ ହେଉଛି ବହୁ ଭାଷାର ଏକ ବିସ୍ମୟକର ସଂଗ୍ରହାଳୟ। କେବଳ ଆଦିବାସୀ ଭାଷା ନୁହେଁ ସବୁ ସମ୍ପ୍ରଦାୟଙ୍କ ଭାଷାଗୁଡ଼ିକ ବିପନ୍ନତା ଦିଗରେ ରହିଛି। ତେଣୁ ଭାଷାର ସୁରକ୍ଷା ଓ ବିକାଶ ପାଇଁ ସବୁ କ୍ଷେତ୍ରରେ ସାମୂହିକ ଭାବେ ଉଦ୍ୟମ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଅକାଦେମୀ ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଜାତୀୟସ୍ତରର 'ସଉରା ଭାଷା ସମ୍ମେଳନ'



ପ୍ରକାଶ ପାଇବ ଦେଶିଆ ଭାଷାର ତ୍ରିଭାଷିକ ଅଭିଧାନ

ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଭାଷାବିତ୍ ପଦ୍ମଶ୍ରୀ ଡ.ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରି କହିଲେ ଯେ, ଦେଶର ବିଲୁପ୍ତପ୍ରାୟ ଆଦିବାସୀ ଭାଷାକୁ ସୁରକ୍ଷିତ କରିବା ଦିଗରେ ଏଭଳି କାର୍ଯ୍ୟକ୍ରମ ପ୍ରଶଂସନୀୟ। ଭାଷା ଏକ ଜାତିର ପରିଚୟ। ଭାଷାର ସୁରକ୍ଷା ଆମର ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ। ସେହିପରି ବିଭାଗୀୟ ସଚିବ ସତ୍ୟବ୍ରତ ସାହୁ କହିଲେ, ଭବିଷ୍ୟତରେ ସାହିତ୍ୟ ଏକାଡେମୀ ପକ୍ଷରୁ ଆଦିବାସୀ ଭାଷାକୁ ନେଇ ଅଧିକରୁ ଅଧିକ ଆଲୋଚନାଚକ୍ର କରାଯିବ। ଅନ୍ୟତମ ଅତିଥିଭାବେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଲେ, ସଉରା ଭାଷାର ଗବେଷକମାନେ ଭାଷା ସହିତ ସେହି ସଂସ୍କୃତି କିପରି ବଞ୍ଚିବ, ସେ ଦିଗରେ ଉଦ୍ୟମ କରିବା ଆବଶ୍ୟକ। ବିଶିଷ୍ଟ ସାହିତ୍ୟିକ ତଥା ସାହିତ୍ୟ ଅକାଦେମୀ ଓଡ଼ିଆ ଭାଷା ପରାମର୍ଶଦାତା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ ଆଗାମୀ ଦିନରେ ସାହିତ୍ୟ ଅକାଦେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ମଧ୍ୟରେ ମିଳିତ ସାରସ୍ୱତ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯିବ ବୋଲି କହିଥିଲେ। ସମ୍ମେଳନରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ ହୃଷୀକେଶ ମଲ୍ଲିକ, ଲୋକ ସାହିତ୍ୟବିତ୍ ଡ.ମହେନ୍ଦ୍ର କୁମାର ମିଶ୍ର ଯୋଗ ଦେଇଥିଲେ। ସାହିତ୍ୟ ଅକାଦେମୀ ସଭାପତି ଡ ମାଧବ କୌଶିକ ସଭାପତିତ୍ୱ କରିଥିଲେ। ସାହିତ୍ୟ ଅକାଦେମୀର ସଚିବ କେ ଶ୍ରୀନିବାସରାଓ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ ଧନ୍ୟବାଦ ଦେଇ ଖୁବ୍‌ଶୀଘ୍ର ଏକାଡେମୀ ପକ୍ଷରୁ ଦେଶିଆ ଭାଷାର ଏକ ତ୍ରିଭାଷିକ ଅଭିଧାନ ପ୍ରକାଶ ପାଇବ ବୋଲି କହିଥିଲେ।

ଦ୍ୱିତୀୟ ଅଧିବେଶନରେ 'ସଉରା ଭାଷା, ସାହିତ୍ୟ ଓ ସଂସ୍କୃତିର ଇତିହାସ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ସଭାପତିତ୍ୱରେ ସୋମନାଥ ଶବର, ବାସନ୍ତୀ ମହାନ୍ତି, ରାଜେନ୍ଦ୍ର ପାଢ଼ୀ ଓ ଇନ୍ଦ୍ରନୀଳ ଆଚାର୍ଯ୍ୟ ପ୍ରଣୀତ ପ୍ରବନ୍ଧ ପାଠ କରିଥିଲେ। ଅପରାହ୍ନ ଅଧିବେଶନରେ ସଉରା ଗଳ୍ପ ପଠନ କରାଯାଇଥିଲା। ରାମ ପ୍ରସାଦ ଗମାଙ୍ଗୋଙ୍କ ସଭାପତିତ୍ୱରେ ସାଇବୁ ଶବର, ଲମ୍ବୋଧର ଶବର, ଚୈତନ୍ୟ ଜାନୀ ଓ ଦିନାବନ୍ଧୁ ଗମାଙ୍ଗୋ ଗଳ୍ପ ପାଠ କରିଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମରେ ସାହିତ୍ୟ ଅକାଦେମୀ ସଂସ୍କୃତ ଭାଷା ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ହରେକୃଷ୍ଣ ଶତପଥୀ ଓ ସାନ୍ତାଳି ଭାଷା ଉପଦେଷ୍ଟା ମଣ୍ଡଳୀର ଆବାହକ ଚୈତନ୍ୟ ପ୍ରସାଦ ମାଝି, ସାହିତ୍ୟ ଅକାଦେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପ୍ରଫେସର ବିଜୟ କୁମାର ଶତପଥୀ, ଅକାଦେମୀର ଓଡ଼ିଆ ଭାଷା ଉପଦେଷ୍ଟା ମଣ୍ଡଳୀର ପୂର୍ବତନ ସଦସ୍ୟ ଡ. ବିଜୟାନନ୍ଦ ସିଂହ ପ୍ରମୁଖ ଯୋଗ ଦେଇଥିଲେ।